## କମତା ଗାଁରେ ହାତୀପଲ

କୁଳିଅଣା,(ଡି.ଏନ.ଏ.): ମୟୂରଭଞ୍ଜ ଜିଲା କୁଳିଅଣା ପଞ୍ଚାୟତ ଅନ୍ତର୍ଗତ କମତା ଗାଁରେ ହାତୀପଲ ପଶି ବ୍ୟାପକ କ୍ଷୟକ୍ଷତି କରିଛନ୍ତି। ରବିବାର ରାତିରେ ଗ୍ରାମର କର୍ମୁ ବେହେରାଙ୍କ ଧାନ ଗଦାରୁ ଧାନ ଖାଇ ହାତୀପଲ ନଷ୍ଟ କରିଛନ୍ତି। କୁଳିଅଣା ବନପାଳଙ୍କ ସହିତ ସ୍ଥାନୀୟ ପୋଲିସ ଏବଂ ଗ୍ରାମବାସୀ ହାତୀ ଘଉଡ଼ାଇବା ଲାଗି ଉଦ୍ୟମ ଜାରି ରଖିଛନ୍ତି। ହାତୀଙ୍କ ସୁରକ୍ଷା ପାଇଁ ଅଞ୍ଚଳରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଛି।

## ସଂକ୍ଷେପରେ

### ଜେଲ ଗଲେ ୪ ଅଭିଯୁକ୍ତ

ସାପଖେଳକୁ ବିରୋଧ କରି ମାରପିଟ ଘଟଣା

ବସ୍ତା/ରୂପ୍ସା,୧୮।୧୨(ଡି.ଏନ.ଏ.)- ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ଗାନ୍ଧୀଛକଠାରେ ସରକାରୀ ଜାଗାରେ ସାପ ଖେଳକୁ ବିରୋଧକୁ ନେଇ ଶନିବାର ଗୋଷ୍ଠୀ ସଂଘର୍ଷ ହୋଇଥିଲା। ଏଥିରେ ଉଭୟ ପକ୍ଷରୁ ୫ଜଣ ଗୁରୁତର ହୋଇଥିଲେ। ପୋଲିସ ୬ ଜଣଙ୍କୁ ଅଟକ ରଖିବା ସହିତ ଏକାଧିକଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ରବିବାର ଉଭୟ ପକ୍ଷଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଦୁଇଟି ମାମଲା(ନଂ. ୩୩୪/୨୨ ଓ ୩୪୫/୨୨) ରୁଜୁ କରି ଅଭିଯୁକ୍ତ ସେକ ରମଜାନ, ସେକ କାଲାବାବୁ, ସେକ ଟିଙ୍ଗୁ, ସେକ ଜମସୁର୍‌ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

### ୨୯ରେ 'ଜନଜାତି ଲୋକକଳା ସଙ୍ଗମ'

ବାରିପଦା ଅଫିସ,୧୮।୧୨- ବନବାସୀ କଲ୍ୟାଣ ଆଶ୍ରମ ପକ୍ଷରୁ ଆସନ୍ତା ୨୯ ଓ ୩୦ରେ ବାରିପଦା ସ୍ଥିତ ଶହୀଦ ସ୍ମୃତି ଭବନରେ 'ଆନ୍ତଃରାଜ୍ୟ ଜନଜାତି ଲୋକକଳା ସଙ୍ଗମ' ଆୟୋଜିତ ହେବ। ଏ ନେଇ ସଂଗଠନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଶନିବାର ବାରିପଦାରେ ଆହୂତ ଏକ ଖବରଦାତା ସମ୍ମିଳନୀରେ ବନବାସୀ କଲ୍ୟାଣ ଆଶ୍ରମର ଅଖିଳ ଭାରତୀୟ ଲୋକକଳା ପ୍ରମୁଖ ବୀରବଲ ସିଂହ ଯୋଗଦେଇ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ପ୍ରସ୍ତାବିତ କଳା ସଙ୍ଗମରେ ଖାଲି ଓଡ଼ିଶାର ନୁହେଁ, ବରଂ ପଶ୍ଚିମ ବଙ୍ଗ, ଝାଡ଼ଖଣ୍ଡ ପରି ଅନ୍ୟ ରାଜ୍ୟର ଜନଜାତି କଳାକାର ଗୋଷ୍ଠୀ ସାମିଲ ହେବେ। ଅନ୍ତତଃ ପକ୍ଷେ ୨୪ ବିଭିନ୍ନ ଜନଜାତି ବର୍ଗର ପ୍ରତିନିଧିତ୍ୱ ଏଥିରେ ଦେଖିବାକୁ ମିଳିବ ବୋଲି ସେ କହିଥିଲେ। କବି ବିଷ୍ଣୁ ଶତପଥୀ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଲୋକକଳା ସଙ୍ଗମର ସଂଯୋଜକ ଫକୀର ସିଂ, ସହ ସଂଯୋଜକ ସନାତନ ମୁର୍ମୁ ଓ ବନବାସୀ କଲ୍ୟାଣ ଆଶ୍ରମର ସହ କ୍ଷେତ୍ର ପ୍ରମୁଖ ବିଶ୍ୱାମିତ୍ର ମହାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ପୂର୍ଣ୍ଣଚନ୍ଦ୍ର ହାଁସଦା, ସାନୁ ସିଂ, ଶଙ୍କର ମାରାଣ୍ଡି, ଦାକ୍ଷିନ ମୁର୍ମୁ, ଛୋଟେଲାଲ ମହାନ୍ତ, ରାମପଦ ପଇଡ଼ା ପ୍ରମୁଖ ବନବାସୀ କଲ୍ୟାଣ ଆଶ୍ରମ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

୧୪୮ ପ୍ରତିଯୋଗୀ ଜିଲାସ୍ତରୀୟକୁ ମନୋନୀତ

ତେଲକୋଇ,୧୮।୧୨(ଡି.ଏନ.ଏ): କେନ୍ଦୁଝର ଜିଲା ତେଲକୋଇ ବ୍ଲକ୍ ମଧୁସୂଦନପୁର ସେବାଶ୍ରମ ବିଦ୍ୟାଳୟରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିନବ୍ୟାପି ଚାଲିଥିବା କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସରସ୍ୱତୀ ମିଶ୍ରଙ୍କ ଅଧକ୍ଷତାରେ ୫ଶହ ଛାତ୍ରୀଛାତ୍ର ଖୋ ଖୋ, କବାଡ଼ି, କ୍ରିକେଟ, ଭଲିବଲ, ବାସ୍କେଟ ବଲ, ଆଥେଲେଟିକ ଆଦି ଖେଳରେ ଭାଗ ନେଇଥିଲେ। ସେଥି ମଧ୍ୟରୁ ୧୪୮ଜଣ ପ୍ରତିଯୋଗୀ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇ ଜିଲାସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଝୁମ୍ପୁରା ଗୋଷ୍ଠୀ ଶିକ୍ଷାଧିକାରୀ ଦୁଃଶାସନ ସିଂହ, ସମ୍ମାନିତ ଅତିଥି ଭାବେ ତେଲକୋଇ ସହଗୋଷ୍ଠୀ ଶିକ୍ଷାଧିକାରୀ କମଳ ଲୋଚନ ବିଶ୍ୱାଳ, ସୁବାସଚନ୍ଦ୍ର ମହାନ୍ତି, ସିଆରସିସି ନାରାୟଣ ସେନାପତି ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ। ବ୍ଲକ୍‌ର ସମସ୍ତ ଖେଳ ଶିକ୍ଷକ ଯୋଗଦେଇ ପ୍ରତିଯୋଗିତାକୁ ସୂଚାରୁ ରୂପେ ସମ୍ପାଦନ କରିଥିଲେ।

### ୧୨୫ ୟୁନିଟ୍ ରକ୍ତ ସଂଗ୍ରହ

ଖଇରା,୧୮।୧୨(ଡି.ଏନ.ଏ.)- ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ଖଇରା ବ୍ଲକର ସୁଣ୍ଡିରା ଓ ଖଇରାଠାରେ ରବିବାର ୨ଟି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସୁଣ୍ଡିରା ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ଶିବିରକୁ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ଜୀବନ ବିନ୍ଦୁ କାର୍ଯ୍ୟକ୍ରମର ବ୍ଲକ ସଂଯୋଜକ ପ୍ରହ୍ଲାଦ ପତିଙ୍କ ତତ୍ତ୍ୱାବଧାନରେ ସୁଣ୍ଡିରାରେ ୫୫ ଓ ଖଇରା ହାଇସ୍କୁଲ ପରିସରରେ ଅନୁଷ୍ଠିତ ଶିବିରରେ ୭୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସମିତି ସଭ୍ୟ ନଳିନିକାନ୍ତ ସାହୁ, ପ୍ରାକ୍ତନ ସରପଞ୍ଚ ମଧୁସୁଦନ ଦାସ, ସନ୍ତୋଷ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ନାୟକ, ନିରଞ୍ଜନ ପରିଡ଼ା ସୁଣ୍ଡିରା ଶିବିର ପରିଚାଳନାରେ ସହଯୋଗ କରିଥିଲେ । ସେହିଭଳି ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର,ସରପଞ୍ଚ ମାଳତୀ ସେଠୀ, ସମିତି ସଭ୍ୟା ନର୍ମଦା ଦେଓ,ରାଧାକାନ୍ତ ପାତ୍ର ଖଇରା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସୌମ୍ୟରଞ୍ଜନ ନାୟକ, ଶଶାଙ୍କ ମହାପାତ୍ରଙ୍କ ସମେତ ଯୁବ ଓ ଛାତ୍ର ବିଜେଡିର କର୍ମକର୍ତ୍ତା ସହଯୋଗ କରିଥିଲେ ।

# ଜିଲା, ରାଜ୍ୟର କଳାକାରଙ୍କୁ ଏକାଠି କରେ ମହୋତ୍ସବ

## ଗୋନାସିକା ମହୋତ୍ସବ, ରାଜ୍ୟସ୍ତରୀୟ ପଲିଶ୍ରୀ ମେଳା ଆରମ୍ଭ



ମଞ୍ଚରେ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମଙ୍କ ସହ ଅନ୍ୟ ଅତିଥିମାନେ।

କେନ୍ଦୁଝର,୧୮।୧୨(ସ୍ୱ.ପ୍ର.)

ବହୁ ପ୍ରତିକ୍ଷିତ ଗୋନାସିକା କେନ୍ଦୁଝର ମହୋତ୍ସବ-୨୦୨୨ ଓ ରାଜ୍ୟସ୍ତରୀୟ ପଲିଶ୍ରୀ ମେଳା ରବିବାର ସ୍ଥାନୀୟ ନଗର ଭବନ ପଡ଼ିଆରେ ରଙ୍ଗାରଙ୍ଗ ପରିବେଶ ମଧ୍ୟରେ ଆରମ୍ଭ ହୋଇଛି। ମୁଖ୍ୟ ଅତିଥିଭାବେ ମହିଳା, ଶିଶୁ ବିକାଶ ଓ ମିଶନ ଶକ୍ତିମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଯୋଗଦେଇ ଉଦ୍‌ଘାଟନ କରି କେନ୍ଦୁଝରର କଳା, ସଂସ୍କୃତି ଓ ଐତିହ୍ୟକୁ ପ୍ରଶଂସା କରିଥିଲେ। ମହୋତ୍ସବ ଦ୍ୱାରା ଜିଲା ଓ ରାଜ୍ୟର କଳା ସଂସ୍କୃତିକୁ ଲୋକଙ୍କ ସମ୍ମୁଖରେ ପ୍ରଦର୍ଶନ କରିବାର ସୁଯୋଗ କଳାକାରମାନେ ପାଇବେ। ମହୋତ୍ସବ ଦ୍ୱାରା ଗୋଟିଏ ମଞ୍ଚରେ ଜିଲା ତଥା ରାଜ୍ୟର କଳାକାର ଏକାଠି ହୋଇ କଳା ପ୍ରଦର୍ଶନର ସୁଯୋଗ ପାଆନ୍ତି ବୋଲି କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ପାଟଣା ବିଧାୟକ ଜଗନ୍ନାଥ ନାଏକ, ଜିଲା ଉନ୍ନୟନ ପରିଷଦର ଅଧ୍ୟକ୍ଷା ଲକ୍ଷ୍ମୀ ନାଏକ, ଘଷିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ, ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ, ଜିଲାପାଳ ଆଶିଷ ଠାକରେ ଅତିଥିଭାବେ ଯୋଗଦେଇ ଜିଲାର ଐତିହ୍ୟ ଓ ପରମ୍ପରାକୁ ବର୍ଣ୍ଣନା କରିବା ସହ ଜିଲାର ବିକାଶ ପାଇଁ ସରକାରଙ୍କ କାର୍ଯ୍ୟକାରୀ ହେଉଥିବା ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀକୁ ଏଠାରେ ପ୍ରଦର୍ଶିତ କରିବା ସହ ବିକିବା ପାଇଁ ଏକ ସୁଯୋଗ ସୃଷ୍ଟି ହୋଇ ପାରିବେ । ଏହା ଦ୍ୱାରା ମହିଳାମାନେ ଅଧିକ ପ୍ରୋତ୍ସାହିତ ହେବା ସହ ବିକ୍ରି ବଟା ପାଇଁ ବଜାର ସୁବିଧା ପାଇ ପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ବିଭିନ୍ନ ଅଞ୍ଚଳରୁ ଲୋକମାନେ ମେଳା ବୁଲିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ।

## ଚମ୍ପୁଆରେ ମଶାଲ ଶୋଭାଯାତ୍ରା

ଚମ୍ପୁଆ,୧୮।୧୨(ଡି.ଏନ.ଏ)

କେନ୍ଦୁଝର ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଗୋନାସିକା କେନ୍ଦୁଝର ମହୋତ୍ସବ-୨୦୨୨ ପାଇଁ ଚମ୍ପୁଆରେ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଆରାଧ୍ୟ ଦେବତା ପ୍ରଭୁ ଚନ୍ଦ୍ରଶେଖର ମନ୍ଦିରରୁ ମଶାଲରେ ଅଗ୍ନି ସଂଯୋଗ କରି ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଡିସେମ୍ବର ୨୨ ପର୍ଯ୍ୟନ୍ତ ମହୋତ୍ସବ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି।




ମଶାଲ ଶୋଭାଯାତ୍ରା।

## ୫-ଟି ବିଦ୍ୟାଳୟ ଫାଟକରୁ ଟାଇଲ ଖସିଲା




ପାଟଣା,୧୮।୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ସାହାରପଡ଼ା ମୁଖ୍ୟାଳୟ ସାହାରପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ଫାଟକରୁ ଟାଇଲ ଖସିଛି। ସ୍କୁଲ ୫-ଟି ଅନ୍ତର୍ଭୁକ୍ତ ହୋଇ ନବିକରଣ ହୋଇଥିବା ବେଳେ ନିମ୍ନମାନର କାର୍ଯ୍ୟଯୋଗୁ ଟାଇଲ ଖସିଥିବା ସାହାରପଡ଼ା ପୂର୍ବତନ ଅଧକ୍ଷ ଗୌତମ ମହାନ୍ତ କହିଛନ୍ତି। ପ୍ରକାଶ ଯେ, ୨୦୨୧ ନଭେମ୍ବର ୧୪ ରେ ୫-ଟି ଯୋଜନାରେ ବିଦ୍ୟାଳୟ ରୂପାନ୍ତରିତ ହୋଇଥିଲା। ଏହାର ସୌନ୍ଦର୍ଯ୍ୟକରଣ ଓ ଉନ୍ନତିକରଣ ପାଇଁ ରାଜକୋଷରୁ ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ହୋଇଥିଲା। ନିମ୍ନମାନର କାମ ଯୋଗୁ ନିର୍ମାଣର ବର୍ଷେ ଭିତରେ ବିଦ୍ୟାଳୟ ଗେଟରୁ ଟାଇଲ ଗଳି ପଡ଼ିଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ବାସିନ୍ଦା ଜଗଦିଶ ମହାନ୍ତ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।

## ୨ଟ୍ରକ୍ ମଝିରେ ଚାପି ହୋଇଗଲେ ବାଇକ୍ ଆରୋହୀ



ଦୁର୍ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ଜମିଛି।

ଭଦ୍ରକ ଅଫିସ,୧୮।୧୨

୧୬ ନମ୍ବର ଜାତୀୟ ରାଜପଥର ଭଦ୍ରକ ଆରଡ଼ି ଛକ ନିକଟରେ ରବିବାର ଅପରାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ୨ ଟ୍ରକ୍ ମଝିରେ ଚାପିହୋଇ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳି ନ ଥିବାବେଳେ ବାଇକ୍ ନମ୍ବର ପ୍ଲେଟରୁ ସେ ମୟୂରଭଞ୍ଜ ଜିଲାର ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଭଦ୍ରକ ପଟୁ କଟକ ଅଭିମୁଖେ ଯାଉଥିବା ଦୁଇ ଟ୍ରକ୍ ପରସ୍ପରକୁ ଓଭରଟେକ୍ ସମୟରେ ସାଇଡ୍ ମାରିଥିବା ବେଳେ ସେହି ଦିଗରେ ଯାଉଥିବା ବାଇକ୍ ଆରୋହୀ ୨ଟ୍ରକ୍ ମଝି ଓ ରାସ୍ତାପାର୍ଶ୍ୱ ପୋଲବାଡ଼ାରେ ଚାପିହୋଇ ରହିଯାଇଥିଲେ। ୩ଟି ହାଇଡ୍ରା ଓ ଏକ ଜେସିବି ଟ୍ରକ୍‌କୁ ସାଇଡ୍ କରିବା ପରେ ଦୁର୍ଘଟଣାର ୩ ଘଣ୍ଟା ପରେ ମୃତଦେହ ବାହାର କରାଯାଇଥିଲା। ଏହାପରେ

### ୩ ଘଣ୍ଟା ପରେ ବାହାରିଲା ମୃତଦେହ

ଆମ୍ବୁଲାନ୍ସରେ ମୃତଦେହ ନେଇ ଭଦ୍ରକ ମୁଖ୍ୟ ଚିକିତ୍ସାଳୟ ଶବଗୃହରେ ରଖାଯାଇଛି। ଦୁର୍ଘଟଣା ସ୍ଥଳରେ ୩ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଲୋକଙ୍କ ଭିଡ଼ ଜମିଥିଲା। ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଗ୍ରାମାଞ୍ଚଳ ଥାନାଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ, ପୁରୁଣାବଜାର ଥାନାଧିକାରୀ ଆଲୋକ ଜେନାଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ ରହି ଭିଡ଼କୁ ନିୟନ୍ତ୍ରଣ କରିଥିଲେ। ଦୁଇ ଟ୍ରକ୍ ଚାଳକ ଫେରାର ହୋଇଯାଇଛନ୍ତି। ତେବେ ଦୁର୍ଘଟଣା ସ୍ଥଳରୁ ଏକ ଶିଶୁର ମୁଣ୍ଡ ମିଳିଛି। ଏହି ଦୁର୍ଘଟଣାରେ ଉକ୍ତ ଶିଶୁର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ତଦନ୍ତ ପରେ ମୃତ୍ୟୁ ସଂଖ୍ୟା ସ୍ପଷ୍ଟ ହେବ ବୋଲି ସିଟି ଡିଏସ୍‌ପି ଦ୍ୱିବେଦୀ କହିଛନ୍ତି।

## କୁଲଡିହାରେ ପ୍ରାଣୀ ଉଦ୍ୟାନ ପ୍ରତିଷ୍ଠା ନେଇ ବୈଠକ

ନୀଳଗିରି,୧୮।୧୨(ସ୍ୱ.ପ୍ର)

ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର କୁଲଡ଼ିହାରେ ପ୍ରାଣୀଉଦ୍ୟାନ ପ୍ରତିଷ୍ଠା ନିମନ୍ତେ ଅଞ୍ଚଳବାସୀ ଓ ପରିବେଶପ୍ରେମୀ ଅଣ୍ଟା ଭିଡ଼ିଛନ୍ତି। ଏହି ଅବସରରେ ରବିବାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ୟାମସୁନ୍ଦରପୁର ପୁରଷୋତ୍ତମ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପରିବେଶବିତ ସୁବ୍ରତ ନାୟକ ଯୋଗଦେଇ କୁଲଡ଼ିହାର ସୁରକ୍ଷା ଲାଗି ସଚେତନତା ସୃଷ୍ଟି କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଅନ୍ୟତମ ସଭ୍ୟ ତଥା ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ଖୁଣ୍ଟିଆ କୁଲଡ଼ିହାରେ ପ୍ରାଣୀ ଉଦ୍ୟାନ ପ୍ରତିଷ୍ଠା ଉପରେ ମତବ୍ୟକ୍ତ କରିଥିଲେ। ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ନେଇ ଏକ ସ୍ଥାୟୀ କମିଟି ଗଠନ କରାଯାଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେବାକୁ ମତପ୍ରକାଶ ପାଇଥିଲା। ସଭାପତି ଭାବେ ପରିବେଶବିତ ମନୋରଞ୍ଜନ ଦାସ, ସମ୍ପାଦକ ଅସିତ କୁମାର ପ୍ରଧାନ, ଉପ ସଭାପତି ସୁଧାରଞ୍ଜନ ଦାସ, ସହ ସମ୍ପାଦକ ବିଶ୍ୱଜିତ ପଣ୍ଡା, ଆବାହକ ଅମିତ ବଳିଆରସିଂ ଓ କୋଷାଧ୍ୟକ୍ଷ ଭାବେ ରଘୁନାଥ ସିଂ ମନୋନୀତ ହୋଇଥିଲେ। ଚନ୍ଦନ ରାଉତ, ପୁରସ୍ତମ ସ, ଅମରେନ୍ଦ୍ର ନାୟକ, ସୁରେଶ ନାୟକ, ରାଜେନ୍ଦ୍ର ଜେନା, ସଞ୍ଜୀବ ସ, ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ନିଶିକାନ୍ତ ମହାପାତ୍ର, ମାନସ ରଞ୍ଜନ ମିଶ୍ର ଓ ଗୋବିନ୍ଦ ଦଳେଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## 'ଉତ୍ସବ ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭା ବିକାଶରେ ସହାୟକ ହୋଇଥାଏ'




ପୁରସ୍କାର ବିତରଣ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ବାଲେଶ୍ୱର ଅଫିସ,୧୮।୧୨

ବାଲେଶ୍ୱର ସହର ସ୍ଥିତ ସିଦ୍ଧି ବିନାୟକ ପବ୍ଲିକ ସ୍କୁଲର ନବମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ରବିବାର ସ୍କୁଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉତ୍ସବ ପାଳନ ଶିକ୍ଷାଗ୍ରହଣ ସହିତ ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭା ବିକାଶରେ ବେଶ୍ ସହାୟକ ହୋଇଥାଏ ବୋଲି ସେ ମତ ପ୍ରକାଶ କରିଥିଲେ। ବିଶିଷ୍ଟ କବି ପ୍ରଶାନ୍ତ ଦାସ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବ୍ୟକ୍ତିତ୍ୱ ବିକାଶ ସହ ସଫଳତା ପାଇଁ ବିଦ୍ୟାଳୟସ୍ତରୀୟ ଶିକ୍ଷା ବ୍ୟବସ୍ଥାର ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ ।

ସ୍କୁଲର ପ୍ରିନ୍ସିପାଲ ସୁଧାଂଶୁ ପଣ୍ଡା କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ଅଧ୍ୟକ୍ଷା ମେରୀ ସାଣ୍ଟିଆଗୋ ଓ ସିଦ୍ଧି ବିନାୟକ କଲେଜର ଅଧ୍ୟକ୍ଷ ସୁମନ୍ତ କୁମାର ସାହୁ ଯଥାକ୍ରମେ ସ୍କୁଲ ଓ କଲେଜର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ସମ୍ମାନୀତ ଅତିଥି ଭାବେ ସଦର ବିଧାୟକ ସ୍ୱରୂପ କୁମାର ଦାସ, ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, କୋଲକାତାର ଇନଷ୍ଟିଚ୍ୟୁଟ୍ ଅଫ ନ୍ୟୁରୋ ସାଇନ୍ସର ନିର୍ଦ୍ଦେଶକ ଡା.ବିଭୂକଲ୍ୟାଣୀ ଦାସ, କୋଲକାତା ମେଡିକାଲ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍‌ର ଡା.ଅଶୋକ କୁମାର ଦାସ ଯୋଗଦେଇ ଗୁଣାତ୍ମକ ଶିକ୍ଷାଦାନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଶିକ୍ଷାନୁଷ୍ଠାନ ପରିଚାଳନା ଟ୍ରଷ୍ଟର ଚେୟାରମ୍ୟାନ କବୀର କୁମାର ମତ୍ତୁଆଲ, ସଭାପତି ମୌସୁମ କୁମାର ସାହୁ, ଉପ-ସଭାପତି ନିବେଦିତା ବେହେରା ବକ୍ତବ୍ୟ ପ୍ରଦାନ କରିଥିଲେ। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲ।

## ନୃତ୍ୟଗୀତ ମାଧ୍ୟମରେ ବନାଗ୍ନି ନିୟନ୍ତ୍ରଣ ସଚେତନତା

ବିଶୋଇ,୧୮।୧୨ (ଡି.ଏନ.ଏ)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ବନଖଣ୍ଡ ଅଧୀନ ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳସ୍ଥିତ ସରଗଡ଼ା ବନାଞ୍ଚଳର କଳାଟମକ ଗ୍ରାମରେ ଜଙ୍ଗଲ ସୁରକ୍ଷା ପାଇଁ ଆଦିବାସୀ ପାରମ୍ପରିକ ନୃତ୍ୟଗୀତ ମାଧ୍ୟମରେ ବନାଗ୍ନି ନିୟନ୍ତ୍ରଣ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ନଳିନୀକାନ୍ତ ବେହେରାଙ୍କ ନିର୍ଦ୍ଦେଶକ୍ରମେ ତଥା ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ସରଗଡା ବନପାଳ ଜୀବନବଲ୍ଲଭ ପାତ୍ର କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଗ୍ରାମର ବନ ସୁରକ୍ଷା ସମିତି ସଦସ୍ୟ, ୩ ସ୍ୱୟଂସହାୟକ ଗୋଷ୍ଠୀର ମହିଳା ଓ ଗ୍ରାମବାସୀ ଏଥିରେ ସାମିଲ ଥିଲେ। ଗ୍ରାମବାସୀ ମାଦଳ ବାଜାର ତାଳେ ତାଳେ ପାରମ୍ପରିକ ନୃତ୍ୟଗୀତ ପରିବେଷଣ ସହ 'ଜଙ୍ଗଲ ସୁରକ୍ଷା

### ଜଙ୍ଗଲ ସୁରକ୍ଷା ପାଇଁ ଶପଥ

ଜୀବନ ରକ୍ଷା' ସଚେତନତା ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ପରେ ବନପାଳ ପାତ୍ରଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରି ଜଙ୍ଗଲ ସହ ବନ୍ୟଜନ୍ତୁଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ ବନପାଳ ଗ୍ରାମବାସୀଙ୍କ ସହଯୋଗ ଲୋଡ଼ିଥିଲେ। ଜଙ୍ଗଲ ସୁରକ୍ଷାରେ ନିଜକୁ ସାମିଲ କରିବା ପାଇଁ ସମସ୍ତେ ଶପଥ ନେଇଥିଲେ। ଚଢେଇପାହାଡ଼ି ବନରକ୍ଷୀ ଲଳିତ ମହାନ୍ତ, ବନ ସୁରକ୍ଷା ସମିତି ସଭାପତି ବାରିଆଳ ମାଝି, ପାରାଷ୍ଟାଫ ଜିତୁ ମାଝି, ମଙ୍ଗଲ ମୁଣ୍ଡା, ସନ୍ତୋଷ ଦାଶ, ଗୋବିନ୍ଦ ମୁଣ୍ଡଙ୍କ ସହ ସ୍ୱୟଂସହାୟକ ଗୋଷ୍ଠୀର ଶତାଧିକ ମହିଳା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



କଳାଟମକ ଗ୍ରାମରେ ସଚେତନତା ଶୋଭାଯାତ୍ରା।

## ଜିଲାରେ ୨୪୨୨ ଗୋରୁ ଲମ୍ପି ଆକ୍ରାନ୍ତ

ଭଦ୍ରକ ଅଫିସ/ଚାନ୍ଦବାଲି (ଡି.ଏନ.ଏ.), ୧୮।୧୨

ଭଦ୍ରକ ଜିଲାରେ ଲମ୍ପି (ଚର୍ମ ବିଣ୍ଡି ରୋଗ) ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଏହି ରୋଗର ଲକ୍ଷଣ ପ୍ରଥମେ ଗୋରୁ ଦେହସାରା ଚକଡ଼ା ଚକଡ଼ା ବାହାରି ଘା' ସୃଷ୍ଟି ହେଉଛି। ପରେ ଖଣ୍ଡିଆ ହୋଇ ରକ୍ତସ୍ରାବ ହେଉଛି। ଆକ୍ରାନ୍ତ ଗୋରୁ ଖାଦ୍ୟ ଖାଇବା ବନ୍ଦ କରି ଦେଉଛନ୍ତି। ଏଥିରେ ଆକ୍ରାନ୍ତ ହେବାର କିଛି ଦିନ ପରେ ମୃତ୍ୟୁ ଘଟୁଛି। ଏହି ଭାଇରସ୍ ସାରା ରାଜ୍ୟରେ ବ୍ୟାପୀ ଚାଲିଥିବା ବେଳେ ଏପର୍ଯ୍ୟନ୍ତ କୌଣସି ନିର୍ଦ୍ଦିଷ୍ଟ ଔଷଧ ବାହାରି ପାରିନାହିଁ। ଫଳରେ ଏହି ରୋଗକୁ ନେଇ ଗୋପାଳକମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି।

ଜିଲା ପ୍ରାଣୀ ଚିକିତ୍ସା ବିଭାଗ ତଥ୍ୟ ଅନୁସାରେ, ୧୭ ତାରିଖ ସୁଦ୍ଧା ଜିଲାରେ ୨୪୨୨ଗୋରୁ ଲମ୍ପିରେ ଆକ୍ରାନ୍ତ ହୋଇଥିବା ବେଳେ ମୃତ୍ୟୁ ସଂଖ୍ୟା ୭ରେ ପହଞ୍ଚିଛି। ଭଦ୍ରକ ବ୍ଲକରେ ସର୍ବାଧିକ ୪୮୦, ତିହିଡ଼ିରେ ୪୨୩, ଭଣ୍ଡାରିପୋଖରୀରେ ୩୩୬, ବାସୁଦେବପୁରରେ ୩୭୧, ଧାମନଗରରେ ୩୨୪, ବନ୍ତରେ ୨୭୬ ଓ ଚାନ୍ଦବାଲିରେ ୨୧୨ ଗୋରୁ ଆକ୍ରାନ୍ତ ହୋଇଛନ୍ତି। ତେବେ ବେସରକାରୀ ଭାବେ ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ ଥିବା ଜଣାପଡ଼ିଛି। ଏଯାଏ ଏହାର କୌଣସି ଭାକ୍ସିନ ବାହାରି ନ ଥିବାରୁ ଗୋଟ୍‌ପକ୍ସ ପ୍ରତିଷେଧକ ଟିକା ବ୍ୟବହାର କରାଯାଉଛି। ଜିଲାରେ ବର୍ତ୍ତମାନ ସୁଦ୍ଧା ୪୩ ହଜାର ୩ଶହ ଡୋଜ୍ ଭାକ୍ସିନ ଦିଆସରିଛି। ଶନିବାର ୧ ଲକ୍ଷ ୩୬ ହଜାର ୭ ଶହ ଭାକ୍ସିନ ଜିଲାରେ ପହଞ୍ଚିଛି। ଏହି ଭାକ୍ସିନ ଦ୍ୱାରା ୧୩୯୦ ଆକ୍ରାନ୍ତ ଗୋରୁ ଭଲ ହୋଇଥିବା ସୂଚନା ମିଳିଛି। ୭ ବ୍ଲକ ପାଇଁ ୭ ମୋବାଇଲ ଟିମ୍ ଭାକ୍ସିନ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଏନେଇ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ଶୁଭେନ୍ଦ୍ର କୁମାର ମିଶ୍ର କହିଛନ୍ତି, ଏହି ଭାକ୍ସିନ ଦ୍ୱାରା ଗୋରୁଙ୍କ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଉଛି। ସରକାରଙ୍କ ପକ୍ଷରୁ ଲମ୍ପି ଭାଇରସ୍ ପାଇଁ ଏହି ଟିକା ଦେବାକୁ ନିର୍ଦ୍ଦେଶ ଆସିଛି। ଏହି ଭାଇରସ୍ ଖାଦ୍ୟ, ବାୟୁ ଓ ମିଳାମିଶା ଦ୍ୱାରା ସଂକ୍ରମିତ ହେଉଥିବାରୁ ଗୋରୁ କିଣାବିକା ବନ୍ଦ ରଖିବା, ଆକ୍ରାନ୍ତ ଗୋରୁଙ୍କଠାରୁ ସୁସ୍ଥ ଗୋରୁଙ୍କୁ ଅଲଗା ରଖିବା, ଗୁହାଳକୁ ପରିଷ୍କାର ରଖିବା, ମଶା ଓ ଟିଙ୍କଠାରୁ ଦୂରେଇ ରଖିବା, ପୁଜ ଗଡୁଥିବା ଘା'କୁ ପରିଷ୍କାର କରି ମଲମ ଲଗାଇବା ଆଦି ଉପରେ ବିଶେଷ ଧ୍ୟାନ ଦେବା ଆବଶ୍ୟକ।

## ସଂକ୍ରମଣ ରୋକିବାକୁ ଟିକାକରଣ

ଆରଡ଼ି,୧୮।୧୨(ଡି.ଏନ.ଏ.)

ଭଦ୍ରକ ଜିଲା ଧୂଷୁରୀ ଥାନା ଅଧୀନ ଆରଡ଼ି, ସୁନ୍ଦରପୁର, ନାନ୍ଦପୁର ଏବଂ ଓଳଗ ୪ ପଞ୍ଚାୟତରେ ଗୋରୁଙ୍କୁ ଲମ୍ପି ସଂକ୍ରମଣ ବଢ଼ି ଚାଲିଛି। ଏ ସଂକ୍ରାନ୍ତରେ ଗତ ୧୦ ତାରିଖରେ 'ବଢ଼ି ଚାଲିଛି ଲମ୍ପି ସଂକ୍ରମଣ' ଶୀର୍ଷକ ଖବର ଧରିତ୍ରୀରେ ପ୍ରକାଶିତ ହୋଇଥିଲା। ତୁରନ୍ତ ଟିକାକରଣ ପାଇଁ ୪ ପଞ୍ଚାୟତର ଲୋକେ ଦାବି କରିଥିଲେ। ଖବର ପ୍ରକାଶ ପାଇବା ପରେ ଜିଲା ପ୍ରାଣୀଧନ ମୁଖ୍ୟ ଚିକିତ୍ସାଧିକାରୀ ଶୁଭେନ୍ଦ୍ର ମିଶ୍ର ତତ୍ପର ହେବା ସହ ୪ ପଞ୍ଚାୟତରେ ଗୋରୁଙ୍କୁ ଟିକାକରଣ ପାଇଁ ପଦକ୍ଷେପ ଗ୍ରହଣ ସ୍ୱରୂପ ଶନିବାର ଭାକ୍ସିନ ପଠାଇବାର ବ୍ୟବସ୍ଥା କରିଛନ୍ତି। ରବିବାର ସକାଳୁ ସୁନ୍ଦରପୁର ପଞ୍ଚାୟତର କୁଳେଇପଦାଠାରେ ଗୋରୁଙ୍କୁ ଟିକା ଦିଆଯାଇଛି। ଟିକାକରଣ ଦ୍ୱାରା ଲମ୍ପି ସଂକ୍ରମଣ ନିୟନ୍ତ୍ରଣ ହେବ ଓ ଏହି ଟିକାକରଣ ୭ଦିନ ଧରି ଚାଲିବ ବୋଲି ସୁନ୍ଦରପୁର ପ୍ରାଣୀଧନ ନିରୀକ୍ଷକ ଅକ୍ଷୟ କୁମାର ନାୟକ କହିଛନ୍ତି।



କୁଳେଇପଦାରେ ଏକ ବାଛୁରୀକୁ ଟିକା ଦିଆଯାଉଛି।

ଧରିତ୍ରୀ
DHARITRI
ସୋମବାର, ୧୯ ଡିସେମ୍ବର, ୨୦୨୨

## ଯୁବକଙ୍କ ଆତ୍ମହତ୍ୟା

ବସ୍ତା/ରୂପସା,(ଡି.ଏନ.ଏ.): ସିଂଲା ଥାନା ବୋଳଙ୍ଗ ଗ୍ରାମର ଜଣେ ଯୁବକ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ପୁଅ ରଘୁନାଥ। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୩୭/୨୨) ରୁଜୁ କରିଛି। ପାରିବାରିକ କଳହରୁ ସେ ଆତ୍ମହତ୍ୟା କରିଥିବା ପୋଲିସ କହିଛି।



## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଆନନ୍ଦପୁର,୧୮।୧୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ମଛାଲୋ ଗ୍ରାମରେ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ମଛାଲୋ ଗ୍ରାମର ଛବିନ୍ଦ୍ର ପଣ୍ଡାଙ୍କ ସାନପୁଅ ନିହାର ରଞ୍ଜନ। ସେ ବାତୋ ମହାବିଦ୍ୟାଳୟର ଯୁକ୍ତ ୩ ରେ ପଢୁଥିଲେ। ରବିବାର ଗ୍ରାମର ଦିଗି ପୋଖରୀରେ ଗାଧୋଉଥିବା ବେଳେ ନିଖୋଜ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଓ ସାଙ୍ଗମାନେ ଖୋଜା ଖୋଜି କରି ପାଇ ନ ଥିଲେ। ଖବରପାଇ ଅଗ୍ନିଶମବାହିନୀ କର୍ମଚାରୀ ପହଞ୍ଚି ଦୀର୍ଘ ସମୟ ଖୋଜିବା ପରେ ନିହାରଙ୍କ ମୃତଦେହ ଜବତ କରିଥିଲା। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା।

### ପରିତ୍ୟକ୍ତ ଖଣିରୁ ଯୁବକଙ୍କ ମୃତଦେହ ଜବତ

ଯୋଡ଼ା,୧୮।୧୨(ଡି.ଏନ.ଏ): କେନ୍ଦୁଝର ଜିଲା ବାମେବାରି ଥାନା ଅନ୍ତର୍ଗତ ଜରିବାହାଲସ୍ଥିତ ଏକ ପରିତ୍ୟକ୍ତ ଖଣିରୁ ପୋଲିସ ସନ୍ଦେହ ଜନକ ଭାବରେ ବାଇକ ସହ ଯୁବକଙ୍କ ମୃତଦେହ ଜବତ କରିଛି। ମୃତ ଯୁବକଙ୍କ ପରିଚୟ ସ୍ପଷ୍ଟ ହୋଇ ନାହିଁ। ବାଇକ୍ ନମ୍ବର ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଖବର ନେବାରୁ ଜଣାପଡ଼ିଛି, ଜରିବାହାଲସ୍ଥିତ କାସଭି ଖଣି ପାର୍ଶରେ ଖଣିଜ ଉତ୍ତୋଳନ ପରେ ଖୋଲା ଛାଡ଼ି ଦିଆଯାଇଛି। ଉକ୍ତ ଖାଲରେ ଓଆର୍ ୦୯ ଡି ୪୯୬୯ ନମ୍ବର ବିଶିଷ୍ଟ ଏକ ହିରୋ ହୋଣ୍ଡା ବାଇକ୍ ପାଣି ଭିତରେ ଅଧା ବୁଡ଼ି ରହିଥିଲା। ସ୍ଥାନୀୟ ଲୋକେ ଦେଖିବା ପରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ଖୋଜିବା ପରେ ବାଇକ୍ ସହ ଜଣେ ଯୁବକଙ୍କ ମୃତଦେହ ଜବତ କରିଥିଲେ। ମୃତ ଯୁବକଙ୍କ ପରିଚୟ ସ୍ପଷ୍ଟ ହୋଇ ନ ଥିବା ବେଳେ ବାଇକ ନମ୍ବର ଅନୁଯାୟୀ ଗୁଆଲି ପଞ୍ଚାୟତ ଗଣୁଆ ଗ୍ରାମର ବୋଲି ଜଣାପଡ଼ିଛି। ତାଙ୍କୁ କେହି ହତ୍ୟାକରି ଫିଙ୍ଗି ଦେଇଥିବା ଅଞ୍ଚଳବାସୀ ସନ୍ଦେହ କରୁଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି।

### ଶ୍ରୀଅରବିନ୍ଦଙ୍କ ଜୟନ୍ତୀରେ ଆଲୋଚନାଚକ୍ର

ଗୋପବନ୍ଧୁ ନଗର, ୧୮।୧୨(ଡି.ଏନ.ଏ.)-ମୟୂରଭଞ୍ଜ ଜିଲା ଗୋପବନ୍ଧୁନଗର ବ୍ଲକ ଆରପଟା ପଞ୍ଚାୟତସ୍ଥିତ ଖିରିପଦା ହରିବଳଦେବଜୀଉ ଉଚ୍ଚ ବିଦ୍ୟାଳୟରେ ଶ୍ରୀ ଅରବିନ୍ଦଙ୍କ ୧୫୦ତମ ଜୟନ୍ତୀ ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରଶାନ୍ତ ପରିଡ଼ା ଏଥିରେ ଅଧକ୍ଷତା କରିଥିଲେ। ଆସ୍ଥା ଜୋନର ଆବାହକ ଶଶୀକାନ୍ତ ଭୋଇ, କପ୍ତିପଦା ମାତୃ ବିହାରର ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ମହାଳିକ, ବାଲିଯୋଡା ଶ୍ରୀଅରବିନ୍ଦ ଶ୍ରୀକ୍ଷେତ୍ରର ସାଧକ ପ୍ରଭାତ କୁମାର ନାୟକ, ପଟୁଆ ଆଶ୍ରମର ମୁଖ୍ୟ ପରିଚାଳକ ଚିତ୍ତରଞ୍ଜନ ମହାପାତ୍ର, ଶିକ୍ଷକ ଅଶୋକ ମହାପାତ୍ର, ରାଜକିଶୋର ସାହୁ, ଅନନ୍ତ ବାସୁଦେବ ଶତପଥୀ ପ୍ରମୁଖ ଯୋଗଦେଇ ଭାରତର ଆଧାତ୍ମିକତା ଓ ଜାତୀୟତା ପ୍ରତି ଶ୍ରୀଅରବିନ୍ଦଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଶ୍ରୀ ଅରବିନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ର, ଶିକ୍ଷକ ଓ ମଞ୍ଚାସୀନ ଅତିଥିମାନଙ୍କ ଦ୍ୱାରା ଶ୍ରୀ ଅରବିନ୍ଦଙ୍କ ସ୍ୱପ୍ନ ଉପରେ ବାଣୀ ପ୍ରଦାନ କରାଯାଇଥିଲା।

# ଜମି ପରିମାଣ ଅଧିକ ଦର୍ଶାଇ ହରିଲୁଟ୍

■କାଜୁ ବନୀକରଣରେ ଅନିୟମିତତା
■ଉଚ୍ଚସ୍ତରୀୟ ତଦନ୍ତ ଦାବି

କେନ୍ଦୁଝର,୧୮।୧୨(ସ୍ୱ.ପ୍ର.)

କେନ୍ଦୁଝରଜିଲା ହରିଚନ୍ଦନପୁର ବ୍ଲକ୍ ଅନ୍ତର୍ଗତ ତେନ୍ତଳାପଶି ପଞ୍ଚାୟତ ମୁଖ୍ୟାଳୟରେ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନା (ଏମଜିଏନ୍ଆର୍ଇଜିଏସ୍)ରେ କଲମି କାଜୁ ଚାଷ ରୋପଣରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଜମିର ପରିମାଣ ଅଧିକ ଦର୍ଶାଇ ଅର୍ଥ ହରିଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଫଳକରେ ସମ୍ପୂର୍ଣ୍ଣ ତଥ୍ୟ ଉଲ୍ଲେଖ କରାଯାଇ ନ ଥିବାରୁ ସନ୍ଦେହ ଘନିଭୂତ ହୋଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଦୁର୍ନୀତି ପଦାକୁ ଆସିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

ସୂଚନାଯୋଗ୍ୟ, ୮ ହେକ୍ଟର ପରିମିତ ଜମିରେ ୧୦ ଜଣ ହିତାଧିକାରୀଙ୍କ ଜମିରେ ଏହି ଚାଷ ୨୦୨୧-୨୨ ଆର୍ଥିକ ବର୍ଷରେ ହୋଇଥିବା ସୂଚନା ଫଳକରୁ ଜଣାପଡ଼ିଛି। ଏହାର କାର୍ଯ୍ୟକାରୀ ଉଦ୍ୟାନ କୃଷି ବିଭାଗ ପକ୍ଷରୁ କରାଯାଉଛି। କାର୍ଯ୍ୟର କୋର୍ଡ ୨୪୦୩୦୦୨/ଡିପି/୧୦୫୬୮୧୬୬ ହୋଇଥିବା ବେଳେ ପ୍ରକଳ୍ପ ମୂଲ୍ୟ ୪ ଲକ୍ଷ। ପ୍ରଥମ ବର୍ଷ ରକ୍ଷଣାବେକ୍ଷଣ ଖର୍ଚ୍ଚ ୧ଲକ୍ଷ ୩୮ ହଜାର ୫୨୮ଟଙ୍କା ଖର୍ଚ୍ଚ ହୋଇଥିବା ଏମଜିଏନ୍ଆର୍ଇଜିଏସ ପୋର୍ଟାଲରେ ଉଲ୍ଲେଖ ରହିଛି। ମାତ୍ର ସୂଚନା ଫଳକରେ ଅଟକଳ ପାରିମାଣ ଲେଖାଯାଇ ନ ଥିବାରୁ ଏହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ୮ ହେକ୍ଟର ଜମିରେ ଏହି ଚାଷ ନ ହୋଇ କମ ଜମିରେ ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଉକ୍ତ ସ୍ଥାନରେ ଏତେ ପରିମାଣର ଜମିରେ କାଜୁ ଚାରାରୋପଣ ହୋଇ ନ ଥିବାବେଳେ ସୂଚନା ଫଳକରେ କିଭଳି ଦର୍ଶାଯାଇଛି ତାହାର ଉଚ୍ଚସ୍ତରୀୟ ତଦନ୍ତ ହେଲେ ଜଣାପଡ଼ିବ। ହରିଚନ୍ଦନପୁର ବ୍ଲକ୍ ସହକାରୀ ଉଦ୍ୟାନ ଅଧିକାରୀ ମୋନିକା ନାୟକଙ୍କ ସହ ଯୋଗାଯୋଗ ସମ୍ଭବପର ହୋଇ ପାରି ନ ଥିବା ବେଳେ ଉଦ୍ୟାନ ବିଭାଗ ଉପ ନିର୍ଦ୍ଦେଶକ ଡକ୍ଟର ଜୟନ୍ତ ନାୟକଙ୍କୁ ପଚାରିବାରୁ ଏହାର ତଦନ୍ତ ହେଲେ ଜଣାପଡ଼ିବ ବୋଲି କହିଛନ୍ତି।



କାଜୁ ବନୀକରଣ ନିକଟରେ ଥିବା ଫଳକ।

# ୬୮ ଖେଳାଳି ପୁରସ୍କୃତ

## ବ୍ଲକସ୍ତରୀୟ କ୍ରୀଡ଼ା


ଅତିଥିଙ୍କ ସହିତ କୃତୀ ଖେଳାଳିମାନେ।

ସିମୁଳିଆ,୧୮।୧୨(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଅଧୀନ ବରି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ କ୍ରୀଡ଼ା ଉଦ୍ଯାପିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଦ୍ୟାଳୟରୁ ମୋଟ ୪୮୦ଜଣ ଖେଳାଳି ଅଂଶ ଗ୍ରହଣ କରିଥିଲେ। ଜୁନିଅର ଓ ସିନିୟର ବିଭାଗରେ ଦୌଡ, ସଟ୍‌ପୁଟ୍, ଡିସକସ୍ ଥ୍ରୋ, ଚେସ୍ ଓ ଯୋଗ ଅନୁଷ୍ଠିତ ହୋଇଥିଲା। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ୬୮ଜଣ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ବିଆରସିସି ଅଜୟ କୁମାର ପଣ୍ଡା, ଓଷ୍ଟା ସଭାପତି ଭଗବାନ ବାରିକ, ସମ୍ପାଦକ ପ୍ରସନ୍ନ କୁମାର ଧଳ, ଅବସରପ୍ରାପ୍ତ ଶିକ୍ଷକ କମଳାକାନ୍ତ ପତି ଯୋଗ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ବିପଦ ଭଞ୍ଜନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ଧ୍ରୁବ ଚରଣ ବେହେରା, ରତ୍ନାକର ବାରିକ, ଉତ୍ତମ କୁମାର ଲେଙ୍କା, ନରେନ୍ଦ୍ର ନାଥ ବେହେରା ପ୍ରମୁଖ କ୍ରୀଡ଼ା ପରିଚାଳନା କରିଥିଲେ। ଶିକ୍ଷକ ବସନ୍ତ କୁମାର ଶିଅଳଙ୍କ ମଞ୍ଚ ସଞ୍ଚାଳନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଶିକ୍ଷକ ଚନ୍ଦ୍ରଶେଖର ବେହେରା ସଭାପତିତ୍ୱ କରିଥିଲେ। ଅନ୍ୟଅତିଥି ମାନଙ୍କ ମଧ୍ୟରେ ଶିକ୍ଷକ ବନମାଳୀ ନାୟକ, ସ୍ଥାନୀୟ ସରପଞ୍ଚ ବିମଳ ଲୋଚନ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ ।

# ପଞ୍ଚାୟତ ସ୍ତରରେ ଯୁବପିଢ଼ିଙ୍କୁ ସଙ୍ଗଠନରେ ସାମିଲ କରିବାକୁ ଗୁରୁତ୍ୱ

## ବିଜେଡିର ଜୋନ୍‌ସ୍ତରୀୟ ବୈଠକ

ପଦ୍ମପୁର, ୧୮।୧୨(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବିଜେଡିର ଜୋନ୍‌ସ୍ତରୀୟ ବୈଠକ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନମଣ୍ଡଳୀର ୧୭, ୧୮, ୧୯, ୨୦ ଓ ୨୧ ନଂ. ଜିଲା ପରିଷଦ ଜୋନ୍ ଅଧୀନ ସମସ୍ତ ପଞ୍ଚାୟତର ସଭାପତି ଓ ସମ୍ପାଦକଙ୍କୁ ନେଇ ଏହି ବୈଠକ ହୋଇଥିଲା। ଆସନ୍ତା ନିର୍ବାଚନକୁ ନେଇ ଦଳ ପକ୍ଷରୁ ପଞ୍ଚାୟତ ସ୍ତରରେ ଅଧିକରୁ ଅଧିକ ଯୁବପିଢ଼ିଙ୍କୁ ସଙ୍ଗଠନର ସାମିଲ କରିବା ସହ ସରକାରଙ୍କ ଲୋକାଭିମୁଖୀ ଯୋଜନା କିପରି ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରିବ ସେନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ମାସ ଶେଷ ସୁଦ୍ଧା ପ୍ରତି ପଞ୍ଚାୟତରେ ୨ଶହରୁ ଊର୍ଦ୍ଧ୍ୱ ଯୁବତୀ ଯୁବକଙ୍କୁ ପ୍ରାଥମିକ ସଦସ୍ୟ ଭାବେ ଗ୍ରହଣ କରିବା ପାଇଁ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ପରାମର୍ଶ ଦେଇଛନ୍ତି। ନିର୍ବାଚନମଣ୍ଡଳୀର ଯୁବ ସଭାପତି ଦେବଦର୍ଶନ ଦାସ, ବ୍ଲକ ସଭାପତି ଦୀନବନ୍ଧୁ ଦାସ, ବିଧାୟକଙ୍କ ପ୍ରତିନିଧି ଅସିତ କୁମାର ଦାଶ, ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ଚିନ୍ମୟ କୁମାର ବାରିକ, ବ୍ଲକ ଯୁବ ସଭାପତି ଜଗବନ୍ଧୁ ଖିଲାର, ଛାତ୍ରନେତା କାଳନ୍ଦୀ ସାହୁ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com


@ଜସ୍ମିନ୍



@ଚିକୁନ


@ଶୁଭ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ଡୁଙ୍ଗୁରା ଦର୍ଶନ ପ୍ରସାଦ ହାଇସ୍କୁଲର ସାମ୍ବତ୍ସରିକ ଉତ୍ସବ

ଖଇରା,୧୮।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଡୁଙ୍ଗୁରା ଦର୍ଶନ ପ୍ରସାଦ ହାଇସ୍କୁଲର ସାମ୍ବତ୍ସରିକ ଉତ୍ସବ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ମାୟାଧର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଏବଂ ଶୋଷ ମହାବିଦ୍ୟାଳୟର ପ୍ରାଧ୍ୟାପକ ଶିବପ୍ରସାଦ ଖାମୁରାଇ ମୁଖ୍ୟବକ୍ତା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଉଦୟ ଚରଣ ନାୟକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସରକାର ୫-ଟି ମାଧ୍ୟମରେ ବିଦ୍ୟାଳୟର ଭିତ୍ତିଭୂମିକୁ ସୁଦୃଢ଼ କରୁଛନ୍ତି। ଶିକ୍ଷା ପ୍ରତି ନିଷ୍ଠା ରହିଲେ ପିଲାମାନଙ୍କର ବ୍ୟକ୍ତିଗତ ଉନ୍ନତି ହେବା ସହ ସମାଜ ଓ ଦେଶର ମଙ୍ଗଳ ସାଧିତ ହୋଇ ପାରିବ ବୋଲି କହିଥିଲେ। ଚଳିତ ବର୍ଷ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଡ. ଭାସ୍କର ମହାପାତ୍ର,ଡ. ବ୍ରଜମୋହନ ମିଶ୍ର, ଡ. ମାୟାଧର ନାୟକ ମେଧା ସମ୍ମାନ ଏବଂ ସ୍ୱର୍ଗତ ବାଇଧର ବାରିକ, ଭାଗବତ ପ୍ରସାଦ ବାରିକ, ଭାବ ପତ୍ରୀ, ବନମାଳୀ ପଣ୍ଡା, ମୟାଧର ତ୍ରିପାଠୀ, କାଞ୍ଚନବାଳା ଦେବୀ, ଭାବଗ୍ରାହୀ ଦାସ, କମଳ ଲୋଚନ ସେଣ୍ଠ, ସତ୍ୟଭାମା ସେଣ୍ଠ, ଗୋବିନ୍ଦଚନ୍ଦ୍ର ବାରିକ, ଜିତେନ୍ଦ୍ର ସିଂ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ,ଶିକ୍ଷକ,କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।


ମଞ୍ଚରେ ଉପସ୍ଥିତ ଅତିଥି ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ।

# ନାରୀ ନିର୍ଯାତନା ବିରୋଧରେ ସଭା

ବାରିପଦା,୧୮।୧୨

କେନ୍ଦ୍ର ଓ ରାଜ୍ୟର କ୍ଷମତାସୀନ ସରକାର ନାରୀ ପ୍ରଗତି, ନାରୀକୁ ସମ୍ମାନ ସ୍ଲୋଗାନ ଦେଇଥିବା ବେଳେ ନାରୀ ନିର୍ଯାତନାକାରୀମାନଙ୍କୁ ଦୃଷ୍ଟାନ୍ତମୂଳକ ଶାସ୍ତି ଦେବା ପରିବର୍ତ୍ତେ ମୁକ୍ତ କରୁଛନ୍ତି। ଅନ୍ୟପକ୍ଷେ ଦଳର କେତେକ ନେତା ପ୍ରତ୍ୟକ୍ଷ ଭାବେ ବର୍ବର କାଣ୍ଡ ଘଟାଇବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଅଲ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ପକ୍ଷରୁ ବାରିପଦାରେ ନାରୀ ନିର୍ଯାତନା ବିରୋଧରେ ଅନୁଷ୍ଠିତ ସଭାରେ ବକ୍ତାମାନେ କହିଥିଲେ। ସଭାରେ ମୁଖ୍ୟବକ୍ତା ଭାବେ ସଂଗଠନର ସର୍ବ ଭାରତୀୟ ସାଧାରଣ ସମ୍ପାଦିକା ଛବି ମହାନ୍ତି, ଅନ୍ୟତମ ବକ୍ତା ରୂପେ ରାଜ୍ୟ ସମ୍ପାଦିକା ସ୍ୱୟଂପ୍ରଭା ନାୟକ ଯୋଗ ଦେଇଥିଲେ।

ଅନ୍ୟତମ ଉପସଭାପତି ସରୋଜିନୀ ନାୟକଙ୍କ ପରିଚାଳନାରେ ରାଜ୍ୟ ସମ୍ପାଦକ ମଣ୍ଡଳୀର ସଦସ୍ୟଙ୍କ ସମେତ ଅନେକ ଛାତ୍ରୀ ଓ ମହିଳା ଏହି ସଭାରେ ଯୋଗ ଦେଇ ନାରୀ ଓ ଶିଶୁକନ୍ୟାଙ୍କ ଉପରେ ବଢୁଥିବା ନିର୍ଯାତନା ବନ୍ଦ, ମାଦକଦ୍ରବ୍ୟର ଅବାଧ ପ୍ରସାର ତଥା ଇଣ୍ଟରନେଟ ସହ ସମସ୍ତ ଗଣମାଧ୍ୟମରେ ଅଶ୍ଳୀଳତା, ଅପସଂସ୍କୃତିର ବ୍ୟାପକ ପ୍ରଚାରକୁ ରୋକିବା ଅନ୍ୟାନ୍ୟ ଦାବି କରିଥିଲେ। ସାଧୀନତା ଆନ୍ଦୋଳନର ଆପୋଷହୀନ ଧାରାର ବଳିଷ୍ଠ ଯୋଦ୍ଧା ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ୧୨୫ ତମ ଜନ୍ମବାର୍ଷିକୀ ଜାନୁଆରୀ ୨୩ ତାରିଖରେ ଯଥାଯୋଗ୍ୟ ମର୍ଯ୍ୟାଦା ସହ ଘରେ, ପ୍ରତ୍ୟେକ ଅନୁଷ୍ଠାନରେ ପାଳନ କରିବା ପାଇଁ ସଂଗଠନ ପକ୍ଷରୁ ଆହ୍ୱାନ ଦିଆଯାଇଥିଲା। ସଭାରେ ତରଙ୍ଗିଣୀ ଦାସ, ସୁଲୋଚନା ପ୍ରଧାନ, ମନ୍ଦୋଦରୀ ରାଉଳ, ଲିଓନୀ ତିର୍କୀ, ଦ୍ରୌପଦୀ ମାହାନ୍ତ, ପ୍ରଭାମଞ୍ଜୁଳା ବ୍ରହ୍ମ, ବିଜୟଲକ୍ଷ୍ମୀ ପାତ୍ର, ହିରାମଣୀ ରାଉତ, ଶାନ୍ତି ଚାକିଆ, ମିଞ୍ଚାରୀ ଦେଓଗାମ, ସଞ୍ଜୁକ୍ତା ସାମଲ, ମଞ୍ଜୁଳତା ପାତ୍ର ପ୍ରମୁଖ ନାରୀନେତ୍ରୀମାନେ ମଧ୍ୟ ବକ୍ତବ୍ୟ ରଖିଥିଲେ।

# ଅବସରପ୍ରାପ୍ତ ସୈନିକ ସଂଘର ବିଜୟ ଦିବସ



ବିଜୟ ଦିବସ ସମାରୋହରେ ଉପସ୍ଥିତ ଅତିଥି।

ବାସୁଦେବପୁର,୧୮।୧୨(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ସହର ନୀଳମଣି ଟାଉନ ହଲ୍ ପରିସରରେ ଅବସରପ୍ରାପ୍ତ ସୈନିକ ସଂଘ ପକ୍ଷରୁ ରବିବାର ବିଜୟ ଦିବସ ପାଳନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ସମାରୋହକୁ ମୁଖ୍ୟଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସୈନିକମାନେ ଆମ ଦେଶର ଗର୍ବ ଓ ଗୌରବ। ପ୍ରତ୍ୟେକ ଜନସାଧାରଣ ସୈନିକ ଓ ସେମାନଙ୍କ ପରିବାର ବର୍ଗଙ୍କୁ ଯଥୋଚିତ ସମ୍ମାନ ଦେବା ଉଚିତ। ଦେଶର ଅଖଣ୍ଡତା ରକ୍ଷା ଓ ସୁରକ୍ଷା କ୍ଷେତ୍ରରେ ସୈନିକମାନଙ୍କ ଭୂମିକା ଅତୁଳନୀୟ ବୋଲି ବିଧାୟକ କହିଥିଲେ। ମୁଖ୍ୟବକ୍ତା ଭାବେ ପ୍ରବଚକ ଗୋପାଳ ଚନ୍ଦ୍ର ବେଜ, ଅନ୍ୟତମ ବକ୍ତା ନିତ୍ୟାନନ୍ଦ ରାଉତ ଏବଂ ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, କବି ନିରଞ୍ଜନ ବିଶ୍ୱାଳ, ଶିକ୍ଷାବିତ୍ ଦୁଶାସନ ରାଉତ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସଂଘ ସଭାପତି ଶରତ ଚନ୍ଦ୍ର ନାୟକ ପୌରୋହିତ୍ୟ କରିଥିବା ବେଳେ ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର ନାଥ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଦିବଂଗତ ଯବାନ ଅର୍ଜୁନ ତରାଇ, ନିରଞ୍ଜନ ପାତ୍ର, ରାଧାକୃଷ୍ଣ ଦାସ ଓ ପଞ୍ଚାନନ ପୃଷ୍ଟିଙ୍କ ପରିବାର ସଦସ୍ୟଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ନିଶା କାରବାର ରୋକିବ ୨ ନୂଆ ଅବକାରୀ ଥାନା

ବାଲେଶ୍ୱର ଅଫିସ,୧୮।୧୨

ବାଲେଶ୍ୱର ଜିଲାରେ ନିଶା କାରବାର ରୋକିବାକୁ ପ୍ରଶାସନ ପକ୍ଷରୁ ଜୋରଦାର ପ୍ରୟାସ ଆରମ୍ଭ ହୋଇଛି। ଏଥିପାଇଁ ଗୋପାଳପୁରରେ ନୂତନ ଅବକାରୀ ଥାନା ଓ ଜଳେଶ୍ୱରରେ ଅବକାରୀ ରେଞ୍ଜ ପ୍ରତିଷ୍ଠା ହୋଇଛି। ନୂତନ ଗୃହ ପାଇଁ ଜମି ଅଧିଗ୍ରହଣ ସରିଛି। ଖୁବ୍ ଶୀଘ୍ର ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ମିଳିଛି। ସେହିପରି ଜଳେଶ୍ୱରରେ ମଧ୍ୟ ଏକ ନୂଆ ସାଟେଲାଇଟ୍ ୟୁନିଟ୍ ମଧ୍ୟ ସ୍ଥାପନ କରାଯାଇଛି। ରାଜ୍ୟ ସୀମାନ୍ତରେ ଥିବା ବାଲେଶ୍ୱର ଜିଲାକୁ ପଶ୍ଚିମବଙ୍ଗରୁ ଚୋରା ଦେଶୀ, ବିଦେଶୀ ମଦ ଓ ଜଳପଥ ଦେଇ ବାଲାଂଦେଶରୁ ବ୍ରାଉନସୁଗାର ଆସୁଥିବାରୁ ନିଶା କାରବାର ରୋକିବାକୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲାର ସୀମାନ୍ତ ଅଞ୍ଚଳ ଜଳେଶ୍ୱର ଓ ଭୋଗରାଇକୁ ବ୍ରାଉନସୁଗାର ଆସୁଥିବା ଓ ଏଠାରୁ ରାଜ୍ୟର ବିଭିନ୍ନ ସ୍ଥାନକୁ ଚାଲାଣ ହେଉଥିବା ପ୍ରମାଣ ମିଳୁଛି। ଏହାକୁ ଲକ୍ଷ୍ୟ ରଖି ଜିଲାପାଳଙ୍କ ଅଧ୍ୟକ୍ଷତାରେ ମଲ୍ଟି ଡିସିପିନାରୀ ସ୍କ୍ୱାଡ୍ (ଏମ୍‌ଡିଏସ୍) କମିଟି ମାଧ୍ୟମରେ ପ୍ରତିମାସରେ ସମୀକ୍ଷା କରାଯାଉଛି। ଚୋରା ନିଶା କାରବାରକୁ ରୋକିବା ଉପରେ ଏହି କମିଟି ମୁଖ୍ୟତଃ ଗୁରୁତ୍ୱାରୋପ କରୁଛି।

ଜିଲା ଅବକାରୀ ବିଭାଗ ପକ୍ଷରୁ ଚଳିତବର୍ଷ ଏପ୍ରିଲ ମାସରୁ ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ମୋଟ୍ ୧୫୮୭ ମାମଲା ରୁଜୁ ହୋଇଥିବା ବେଳେ ୧୫୧୯ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେଥିମଧ୍ୟରୁ ୪୦ ଏନ୍‌ଡିପିଏସ୍ ମାମଲା ରହିଛି। ୧କେ.ଜି. ୮୮୩ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରାଯାଇଥିବା ବେଳେ ୮ଟି ମାମଲା ରୁଜୁ ସହ ୮ଜଣଙ୍କୁ ଗିରଫ କରାଯାଇଛି। ସେହିପରି ୫୬୦ କେ.ଜି. ଗଞ୍ଜେଇ ଜବତ ସହ ୩୩ଜଣଙ୍କୁ ଗିରଫ କରାଯାଇଛି। ୩୦ ମାମଲା ମଧ୍ୟ ରୁଜୁ ହୋଇଛି। ଗୋଟିଏ କଫ୍‌ସିରପ୍ ଏବଂ ଗୋଟିଏ ଅଫିମ ଫଳ ଚୋପା ମାମଲାରେ ଜଣେ ଲେଖାଏ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେହିପରି ୧୫୪୭ ମଦ ମାମଲାରେ ୧ଲକ୍ଷ ୯ହଜାର ୭୭୫ ଲିଟର ଦେଶୀ ମଦ, ୩୯୨ ଲିଟର ବିଦେଶୀ ମଦ, ୭୯୧ଲିଟର ବିଅର, ୨୫ଲିଟର ସ୍ପିରିଟ୍, ୧୨୨ଲିଟର ନକଲି ମଦ, ୪୩୨ ଲିଟର ଜିଞ୍ଚର, ୪୯୬ କେ.ଜି. ଭାଙ୍ଗ, ୨୭ଲିଟର ପଶ୍ଚିମବଙ୍ଗ ବିଦେଶୀ ମଦ, ୨୧୮ଲିଟର ପଶ୍ଚିମବଙ୍ଗ ଦେଶୀ ମଦ ସହ ୧୦୭ଟି ମୋଟରସାଇକେଲ ଏବଂ ୭ଟି ଚାରିଚକିଆ ଯାନ ଜବତ କରାଯାଇଛି। ମୋଟ୍ ଜବତ ସାମଗ୍ରୀର ମୂଲ୍ୟ ୬କୋଟି ୭୦ଲକ୍ଷ ୭୬ହଜାର ଟଙ୍କା ଅଟେ। ବାଲେଶ୍ୱର ରାଜ୍ୟର ଡ୍ରଗସ୍ କାରବାରରେ ହବ୍ କୁହାଯାଉଥିବା ବେଳେ ଏହି ଦୁଇଟି ନୂତନ ଅବକାରୀ ଥାନା ଏବଂ ସାଟେଲାଇଟ୍ ୟୁନିଟ୍ କେତେ ପରିମାଣ ରୋକ ଲଗାଇବାରେ ସକ୍ଷମ ହେଉଛି ତାହା ଦେଖିବାକୁ ବାକି ରହିଲା।

ଏ ସମ୍ପର୍କରେ ଜିଲା ଅବକାରୀ ଅଧୀକ୍ଷକ ସୁଶାନ୍ତ କୁମାର ପାଢ଼ୀ କୁହନ୍ତି, ଚୋରା ମଦ କାରବାର ଏବଂ ବେଆଇନ୍ ନିଶା କାରବାରକୁ ରୋକିବା ପାଇଁ ଜିଲା ଅବକାରୀ ବିଭାଗ ଏବଂ ଫ୍ଲାଇଙ୍ଗ ସ୍କ୍ୱାଡ୍‌ର ସ୍ୱତନ୍ତ୍ର ଟିମ୍ ନିରନ୍ତର ଭାବେ କାର୍ଯ୍ୟ କରୁଛନ୍ତି। ପ୍ରତିମାସରେ ପ୍ରାୟ ୨୦୦ରୁ ଅଧିକ ମାମଲା ରୁଜୁ କରିବା ସହ ପଶ୍ଚିମବଙ୍ଗରୁ ଆସୁଥିବା ନିଶା ଦ୍ରବ୍ୟକୁ ରୋକାଯାଇ ପାରିଛି। ଜିଲାପାଳଙ୍କ ନିର୍ଦ୍ଦେଶରେ ପ୍ରତ୍ୟେକ ସ୍ଥାନରେ ନିଶା କାରବାର ଉପରେ କଡ଼ା ନଜର ରଖାଯାଇଥିବା ସେ ପ୍ରକାଶ କରିଛନ୍ତି।

